## ସଂକ୍ଷେପରେ

### ଶହୀଦ ସ୍ମୃତି ଦିବସ ପ୍ରସ୍ତୁତି

ଧାମନଗର,୧୦।୯(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ଶହୀଦନଗରଠାରେ ୮୨ତମ ଶହୀଦ ସ୍ମୃତି ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶହୀଦ ସ୍ମୃତି ରକ୍ଷା କମିଟି ସଭାପତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଲୁଣିଆ ଗୁଳିକାଣ୍ଡର ବର୍ଷ ପୂର୍ତ୍ତି ଶହୀଦ ଦିବସ ଆସନ୍ତା ୨୨ତାରିଖରେ ଶହୀଦନଗରଠାରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ପରମ୍ପରାଗତ କାର୍ଯ୍ୟକ୍ରମ ବ୍ୟତୀତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା, କବିତା ପାଠୋତ୍ସବ, ବାଲୁକା କଳା ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ଚୂଡ଼ାନ୍ତ ହୋଇଥିଲା। ଶହୀଦ ଦିବସ ପୂର୍ବରୁ ବିପର୍ଯ୍ୟସ୍ତ ମଙ୍ଗଳପୁର-ଶହୀଦନଗର-ବିଲଣା ଗ୍ରାମ୍ୟ ଉନ୍ନୟନ ସଡ଼କ ମରାମତି ପାଇଁ ସଭ୍ୟମାନେ ଦାବି କରିଥିଲେ। ସ୍ମୃତିରକ୍ଷା କମିଟି ପୁନର୍ଗଠନ ସହ ଏକାଧିକ ସବ୍ କମିଟି ଗଠିତ ହୋଇଛି। ରଘୁନାଥ ଲେଙ୍କା, ଅଶୋକ ପୁହାଣ, ହରେକୃଷ୍ଣ ପାଢ଼ୀ, ମନୋରଞ୍ଜନ ମଲ୍ଲିକ, ବୈକୁଣ୍ଠ ନାଥ ସାହୁ, ଦେବେନ୍ଦ୍ର ପୁହାଣ, ଚତୁର୍ଭୁଜ ନାୟକ, ବୁଦ୍ଧିରାମ ସାହୁ, ଅଜୟ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଗୟାଧର ନାୟକ ଧନ୍ୟବାଦ ଦେଇଥିଲେ।

# ଗୀତରେ ଗପରେ ପାଠପଢ଼ା

## ସଭିଙ୍କ ପ୍ରିୟ ଦୀପକ ସାର୍

ଭଦ୍ରକ, ୧୦।୯ (ସନାତନ ରାଉତ)

ଶିକ୍ଷକ ନୁହେଁ, କିନ୍ତୁ ପିଲାମାନଙ୍କୁ ପାଠ ପଢ଼ାଇବା ନିଶାରେ ମତୁଆଲା। ବହି ଖାତା କଲମର ଊର୍ଦ୍ଧ୍ୱକୁ ଯାଇ ଗୀତ ଓ ଗପ ମାଧ୍ୟମରେ ପାଠ ପଢ଼ାଉଛନ୍ତି। ପାଠପଢ଼ା ସହ ହସାଇ ହସାଇ ବେଦମ କରନ୍ତି ପିଲାମାନଙ୍କୁ। ପଢ଼ାଇବାର ନିଆରା ଶୈଳୀ ପିଲାମାନଙ୍କୁ ପାଠ ପ୍ରତି ଆକୃଷ୍ଟ କରୁଥିବା ବେଳେ ସେ ସମସ୍ତଙ୍କ ପ୍ରିୟ ପାଲଟିଛନ୍ତି। ଏପରି ଜଣେ ନିଆରା ଶିକ୍ଷକ ହେଉଛନ୍ତି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମର ଭଜହରି ଦାସଙ୍କ ପୁଅ ଦୀପକ(୨୮)।

ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ଦୀପକ ନିଜ ଭବିଷ୍ୟତ ଗଢ଼ିବା ପାଇଁ ବାହାରକୁ ନ ଯାଇ ନିଜ ଜିଲାର ମୁଖ୍ୟାଳୟ ଭଦ୍ରକ ସହରରେ ରହୁଛନ୍ତି। ଭଦ୍ରକ ପୌରପାଳିକାର ସଛିଆରେ ଏକ ଟିଣ ଛପର ଘରେ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପିଲାଙ୍କୁ ପଢ଼ାଇବା ସହ ଏମ୍‌ବିଏ କରିଥିବା ଦୀପକ ଓଏଏସ୍ ଓ ଅନ୍ୟାନ୍ୟ କମ୍ପିଟେଟିଭ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ପିଲାଙ୍କୁ ପଢ଼ାଇବାର ଆଗ୍ରହ ଓ ଶିକ୍ଷାଦାନର ଶୈଳୀ ଦେଖି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ରାଜ୍ୟର ୩୦ ଜିଲାକୁ ପିଲାମାନେ ମନେ ରଖିବା ପାଇଁ ସେ ୩୦ ଜିଲାର ନାମକୁ ଗୀତରେ ସଜାଇଛନ୍ତି। ସେହିପରି ଗଣିତର ସୂତ୍ରକୁ ମଜାଦାର ଫର୍ମୁଲାରେ ପଢ଼ାଉଛନ୍ତି ଯେ ପିଲାମାନେ ଆଉ ଗଣିତକୁ ଭୟ କରୁନାହାନ୍ତି। ବ୍ୟଙ୍ଗାତ୍ମକ ଶୈଳୀରେ ସାହିତ୍ୟ, ସାମାଜିକ, ଇଂଲିଶ, ବିଜ୍ଞାନ ଆଦି ପାଠକୁ ପିଲାଙ୍କ ପାଇଁ ସହଜ କରିଛନ୍ତି। ପିଲାମାନେ ଦୀପକଙ୍କ ପାଠପଢ଼ା ଶୈଳୀକୁ ଏତେ ଭଲ ପାଇଛନ୍ତି ଯେ ଦିନଟିଏ ବି ଆସିବା ବନ୍ଦ କରୁନାହାନ୍ତି। ପିଲାଙ୍କ ଅଭିଭାବକ ଯାହା ପାରିଶ୍ରମିକ ଦିଅନ୍ତି, ସେ ଖୁସିରେ ଗ୍ରହଣ କରନ୍ତି। କିଛି ଗରିବ ଅସହାୟ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ମାସକୁ ପ୍ରାୟ ୧୫ରୁ ୧୭ ହଜାର ଟଙ୍କା ରୋଜଗାର ହେଉଛି। ସେଥିରେ ନିଜ ଖର୍ଚ୍ଚ ସହ ଘରକୁ ପଠାଉଥିବା ଦୀପକ କହନ୍ତି।

ଦୀପକଙ୍କ କହିବାନୁଯାୟୀ ୨୦୧୬ରେ ସେ ପ୍ରଥମେ ସଛିଆ ଅଞ୍ଚଳରେ ଘର ଘର ବୁଲି ଟିଉସନ କରୁଥିଲେ। ତାଙ୍କ ପାଖରେ ପଢୁଥିବା ପିଲାଙ୍କ ସଫଳତା ଦେଖି ବହୁ ଅଭିଭାବକ ବାଧ୍ୟ କରିବାରୁ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ୧୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପଢ଼ାଇଥିଲେ। ତା' ପରେ ଜଣେ ବ୍ୟକ୍ତି ତାଙ୍କ ପାଇଁ ଟିଣ ଘର ନିର୍ମାଣ କରିଦେଲେ। ନିଜ ମାଟିକୁ ଭଲ ପାଉଥିବାରୁ ବାହାରକୁ ନ ଯାଇ ଭଦ୍ରକରେ ରହିଛନ୍ତି। ଯେକୌଣସି ଚାକିରି ମିଳିଲେ ମଧ୍ୟ ଶିକ୍ଷକତା ଛାଡ଼ିବେ ନାହିଁ। ନିଜର ପ୍ରସ୍ତୁତି ପାଇଁ ଗଣିତ ଓ ସାଧାରଣ ଜ୍ଞାନର ସହଜ ସୂତ୍ର ନିଜେ ତିଆରି କରନ୍ତି, ଯାହା ତାଙ୍କର ଆବଶ୍ୟକ ସହ ପିଲାଙ୍କୁ ଶିଖାନ୍ତି। ବର୍ତ୍ତମାନର ପିଲା ମୋବାଇଲ ପ୍ରତି ଆଗ୍ରହୀ ଥିବାରୁ ସେମାନଙ୍କୁ ମନୋରଞ୍ଜନ ମାଧ୍ୟମରେ ଗୀତ ଗପରେ ପାଠ ପଢ଼ାଇବାକୁ ମନସ୍ଥ କରିଥିଲେ। ପିଲାମାନଙ୍କୁ ପଢ଼ାଇବା ପାଇଁ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ କରିଛନ୍ତି, ଯେଉଁଥିରେ ୨୬ ହଜାର ସବସ୍କ୍ରାଇବର ଅଛନ୍ତି। ବଳକା ସମୟରେ ପାଠପଢ଼ାର ଭିଡିଓ କରି ସେଥିରେ ଅପଲୋଡ୍ କରିଥାନ୍ତି। ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଥିବାରୁ ଖୁସି ଲାଗୁଛି। ବହୁ ଅଫର ମିଳିଥିଲେ ମଧ୍ୟ ସେ ପିଲାଙ୍କୁ ଛାଡ଼ି କେବେ ଯାଇନାହାନ୍ତି କି ଆଉ ଯିବେ ନାହିଁ ବୋଲି କହିଛନ୍ତି।



ପିଲାଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ପଢ଼ାଉଛନ୍ତି ଦୀପକ ଦାସ।

### ଅଙ୍ଗନୱାଡି କର୍ମୀଙ୍କୁ ମାଡ଼ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବି



ବିଡିଓଙ୍କ କାର୍ଯ୍ୟାଳୟରେ ଅଙ୍ଗନୱାଡି କର୍ମୀମାନେ ଆଲୋଚନା କରୁଛନ୍ତି।

ଚାନ୍ଦବାଲି,୧୦।୯(କିଷାନ ପାତ୍ର)

ସୁଭଦ୍ରା ଫର୍ମ ଫେରସ୍ତ ମାଗିବା ଘଟଣାକୁ କେନ୍ଦ୍ରକରି ଚାନ୍ଦବାଲି ବ୍ଲକ ଅଧୀନ ଖଦାଳପୋଖରୀ ପଞ୍ଚାୟତର ବ୍ରହ୍ମକିଆ ଅଙ୍ଗନୱାଡି କର୍ମୀ ପ୍ରୀତିରେଖା ବଳଙ୍କୁ ମାଡ଼ ଘଟଣାରେ ମଙ୍ଗଳବାର ଶତାଧିକ ଅଙ୍ଗନୱାଡି କର୍ମୀ ପ୍ରତିବାଦ ଜଣାଇଛନ୍ତି। ସେମାନେ ବିଡିଓଙ୍କୁ ଭେଟି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ପୋଲିସ ମାମଲା ରୁଜୁ କରିଥିବା ବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ଅଭିଯୁକ୍ତମାନେ ମାନେ ଖୁଲମଖୋଲା ଗାଁରେ ବୁଲୁଥିବା ସେମାନେ ଅଭିଯୋଗ କରିଛନ୍ତି। ୪୮ଘଣ୍ଟା ଭିତରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ସରକାରଙ୍କ କୌଣସି କାମରେ ସହଯୋଗ କରିବେ ନାହିଁ। ଏଥିସହ ବ୍ଲକ ଅଫିସ୍ ଆଗରେ ଧାରଣା ଦେବେ ବୋଲି ଅଙ୍ଗନୱାଡି କର୍ମୀ ରତ୍ନପୂର୍ଣ୍ଣା ନାୟକ, ମାଧବୀଲତା ନାୟକ, ସୁପ୍ରଭା ରାଉତ, ମମତା ମଲିକ୍, ରେବତୀ ନାଥ, ଲିଲି ଭୋଇ, ସ୍ୱର୍ଣ୍ଣପ୍ରଭା ମହାଳିକ, ମନୋରମା ବଳ, ରଞ୍ଜିତା ନାୟକ ପ୍ରମୁଖ ବିଡିଓଙ୍କୁ ଜଣାଇଛନ୍ତି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବିଡିଓ ଅସିତ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶଥାଉ କି, ବୟସ ସୀମା ହୋଇ ନ ଥିବା ଜଣେ ୧୯ ବର୍ଷୀୟା ବିବାହିତା ମହିଳା ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବାବେଳେ ସହାୟିକାଙ୍କଠାରୁ ଫର୍ମ ନେଇଥିଲେ। ପ୍ରୀତିରେଖା ଜାଣିବା ପରେ ଫର୍ମ ଫେରାଇବାକୁ କହିବାରୁ ତାଙ୍କୁ ମାଡ଼ ମାରିଥିଲେ ବୋଲି ସେ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ।

## ଉତ୍ଥାନ ପାଇଁ ଯାଦବମାନେ ଏକତାବଦ୍ଧ ହେବା ଆବଶ୍ୟକ



ଯାଦବ ମହାସଂଘର କର୍ମୀ ସମ୍ମିଳନୀରେ ଶିକ୍ଷାବିତ୍ ବାସନ୍ତୀଲତା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ତିହିଡ଼ି,୧୦।୯(ସଞ୍ଜିତ ବଳ)

ଦୀର୍ଘବର୍ଷ ହେଲା ଯାଦବମାନେ ଅବହେଳାର ଶିକାର ହୋଇ ଆସିଛନ୍ତି। ବହୁବାର ଦାବି ସତ୍ତ୍ୱେ ସେମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ନାହିଁ। ଏଣୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଉତ୍ଥାନ ପାଇଁ ଯାଦବମାନେ ଏକତାବଦ୍ଧ ହେବା ଆବଶ୍ୟକ ବୋଲି ତିହିଡ଼ି ବ୍ଲକ ଯାଦବ ମହାସଂଘର କର୍ମୀ ସମ୍ମିଳନୀରେ ମତପ୍ରକାଶ ପାଇଛି। ସୋମବାର ତିହିଡ଼ି ଟାଉନ ହଲ୍‌ରେ ଗିରି ଗୋବର୍ଦ୍ଧନ ମହାସଭାର ସଭାପତି ନୃସିଂହ ମହାକୁଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକ, ରାମଚନ୍ଦ୍ର ବାରିକ, ଗୟାଧର ବାରିକ, ବ୍ଲକ ସମ୍ପାଦକ ଭାଗିରଥୀ ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଦାବି ହାସଲ ପାଇଁ ପଞ୍ଚାୟତ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଖୁବ୍‌ଶୀଘ୍ର ବ୍ଲକ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ନାରାୟଣ, ଗୟାଧର, ରାମଚନ୍ଦ୍ରଙ୍କ ସମେତ ବାସନ୍ତୀଲତା ନାୟକ ଓ ପ୍ରାଣକୃଷ୍ଣ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ ମହାକୁଡ଼, ଭୀମସେନ ବାରିକ, ଦୈତାରୀ ବେହେରା, ଜଗନ୍ନାଥ ନାୟକ, ଶ୍ରୀଧର ବାରିକ, ଦେବେନ୍ଦ୍ର ବାରିକ, ଲକ୍ଷ୍ମଣ ପରିଡ଼ା, ବଳରାମ କବି, ଗଙ୍ଗାଧର ପଢିଆରୀ, ବିଷ୍ଣୁମୋହନ ଦଳେଇ, ଜୟୀରାମ ବାରିକ, ସର୍ବେଶ୍ୱର ପରିଡ଼ା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣିରେ ୨୯୩ ଅଭିଯୋଗ

ବାସୁଦେବପୁର,୧୦।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ କନ୍‌ଫରେନ୍ସହଲ୍‌ରେ ମଙ୍ଗଳବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୯୩ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଛି। ପୌରପାଳିକା ମୁଖ୍ୟ ସହର ମଧ୍ୟରେ ଉପୁଜୁଥିବା ଟ୍ରାଫିକ ସମସ୍ୟା, ଡ୍ରେନେଜ, ଜବରଦଖଲ ସମେତ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ନଜରକୁ ନିଆଯାଇଛି। ବାସୁଦେବପୁର ପୌରପାଳିକାର ତେନ୍ତୁଲିଆ ଗ୍ରାମରେ ସରକାରୀ ଜମିକୁ ବିଭିନ୍ନ ସ୍ତରରେ ଜବରଦଖଲ କରାଯାଇଥିବା ବେଳେ ଏହାକୁ ଜବରଦଖଲମୁକ୍ତ ପାଇଁ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରାଶନ କାର୍ଡରେ ନାମ ସଂଯୋଗ, ନୂତନ ରାଶନ କାର୍ଡ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଂଯୁକ୍ତ କରିବା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି ସମେତ ବିଭିନ୍ନ ବିଭାଗ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଏସ୍‌ପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ଆଇଆଇସି ଲୋପାମୁଦ୍ରା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ ସାମନ୍ତ, ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## 'ସାରସ୍ୱତ ସାଧିକା ଥିଲେ ପାର୍ବତୀ'




ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

ଭଦ୍ରକ,୧୦।୯(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ମଙ୍ଗଳବାର ସ୍ମୃତି ସଂସଦ ପକ୍ଷରୁ ସ୍ୱର୍ଗତ ପାର୍ବତୀ ବିଶ୍ୱାଳଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକା ରାଧାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅୟୋଜିତ ସମାରୋହରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ ଯୋଗଦେଇ ପାର୍ବତୀ ଜଣେ ସାରସ୍ୱତ ସାଧିକା, ସାହିତ୍ୟିକା ଥିଲେ ବୋଲି କହିବା ସହ ସାହିତ୍ୟ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଅଧ୍ୟାପକ ନୀହାର ରଞ୍ଜନ କର, ଅନ୍ୟତମ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ବହଳୀ, ରୋଟାରିଆନ ଶିଶିର ମିଶ୍ର ଓ ଆବାହକ ଅତିସ କୁମାର ବେହେରା ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନ ଆଦର୍ଶ ଉପରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କବି ମୋହନ ଚନ୍ଦ୍ର ଖିଲାରଙ୍କ କବିତା ପୁସ୍ତକ ଅସ୍ତରାଗର ସୂର୍ଯ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଉଷାରାଣୀ ଜେନା ସ୍ୱାଗତ ଭାଷଣ, ସରୋଜିନୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ସୁମିତ୍ରା ପାଣି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କବି ବିଜୟ କୁମାର ବହଳି ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ସଂଯୁକ୍ତା ବଳ ଓ ଦେବଯାନୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୁକ୍ତିକାନ୍ତ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଦୀପ୍ତିମୟୀ ସାହୁ ଓ ଗୌତମ ମହାରଣା ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କ ନାଁରେ ଅର୍ଥ ହେରଫେର ଅଭିଯୋଗ

ଚାନ୍ଦବାଲି,୧୦।୯(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତରେ ଥିବା ବାଡୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ନାଁରେ ସ୍କୁଲ ଟଙ୍କା ହେରଫେର ଅଭିଯୋଗ ହୋଇଛି। ଏନେଇ ସୋମବାର ଜିଲାପାଳ ଦିଲୀପ ରାଉତରାଏ ଆରଡ଼ି ଆସିଥିବା ବେଳେ କେତେକ ଗ୍ରାମବାସୀ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, କିଛି ମାସ ତଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍କୁଲ ଜମା ଖାତାରୁ ୬୩ହଜାର ଟଙ୍କା ଉଠାଇଥିଲେ। ସେଥିରୁ ମାତ୍ର ୧୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଅବଶିଷ୍ଟ ୫୦ ହଜାର ଟଙ୍କାର କିଛି କାମ କରାଯାଇ ନାହିଁ। ଏନେଇ ଅଭିଭାବକମାନେ ତାଙ୍କୁ ପଚାରିବାରୁ ୫୦ ହଜାର ଟଙ୍କାର ହିସାବ ଦେଇପାରି ନ ଥିଲେ। ପରେ କେତେଜଣ ଶିକ୍ଷକଙ୍କ ମଧ୍ୟସ୍ଥତାରେ ଉକ୍ତ ଟଙ୍କା ଫେରାଇବେ ବୋଲି ସେ ଲିଖିତ ଭାବେ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ଟଙ୍କା ଫେରାଉ ନାହାନ୍ତି କି ହିସାବ ମଧ୍ୟ ଦେଉନାହାନ୍ତି ବୋଲି ଗ୍ରାମର ବିଷ୍ଣୁ ରାୟ, ଗିରିଧାରୀ ସାମଲ, ଜଳଧର ସାମଲ, ପଞ୍ଚାନନ ସାମଲ, ସତ୍ୟବ୍ରତ ବାରିକ, ସନାତନ ବିଶ୍ୱାଳ, ଚିତ୍ରାନନ୍ଦ ମହାଳିକ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି।

ଏ ବାବଦରେ ପୂର୍ବରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ତଦନ୍ତ କରାଯାଇ ନାହିଁ। ଏହି ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଥିବାବେଳେ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ସେମାନେ ଜିଲାପାଳଙ୍କୁ ଜଣାଇଥିଲେ। ଅଭିଯୋଗ ବାବଦରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା କହିଛନ୍ତି, ସ୍କୁଲ କାମ ପାଇଁ ଟଙ୍କା ଉଠାଇଥିଲେ। କାମ ହୋଇନି, ଟଙ୍କା ତାଙ୍କ ପାଖରେ ଅଛି ଓ କାମ ହେବ। ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଦୋକାନ ଉଚ୍ଛେଦ ନୋଟିସ୍‌କୁ ବିରୋଧ

ବାସୁଦେବପୁର,୧୦।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପଦ୍ମପୁର ବଜାର ସଂଲଗ୍ନ ଅଞ୍ଚଳରେ ଜବରଦଖଲ କରି ଦୋକାନ କରିଥିବା ଦୋକାନୀମାନଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ବିରୋଧ କରି ଦୋକାନୀମାନେ ମଙ୍ଗଳବାର ରାସ୍ତାରୋକୋ କରିଛନ୍ତି। ଚଳିତ ସପ୍ତାହରେ ପଦ୍ମପୁର ବଜାରରୁ ସରକାରୀ ଜମି ଓ ଦୋକାନ କରିଥିବା ଦୋକାନୀଙ୍କୁ ଉଚ୍ଛେଦ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ପ୍ରତିବାଦରେ ଦୋକାନୀମାନଙ୍କ ରାସ୍ତାରୋକୋ ଯୋଗୁ ବାସୁଦେବପୁର-ଇଚ୍ଛାପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ହନସନ୍ତ ହୋଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସୌଭାଗ୍ୟ ପଣ୍ଡା କହିଛନ୍ତି, ସରକାରୀ ଜମି ଜବରଦଖଲ ସହ ପଦ୍ମପୁର ବଜାରରେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ ହୋଇଥିବାରୁ ଏହା ଯାତାୟାତରେ ବାଧା ସୃଷ୍ଟି କରୁଛି। ଏଥିସହ ରାସ୍ତାଟି ଅଣଓସାରିଆ ହୋଇଯାଉଛି। ଏହି ବୁଲାଣି ରାସ୍ତାରେ ଦୁର୍ଘଟଣା ଘଟୁଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ଜବରଦଖଲ ଉଚ୍ଛେଦ କରାଯିବ। ଜନସାଧାରଣଙ୍କ ସହଯୋଗ ପ୍ରଶାସନ କାମନା କରୁଛି ବୋଲି ତହସିଲଦାର କହିଛନ୍ତି।

## ଏକାଦଶାହରେ ଗଜପତିର ପୂର୍ବତନ ଜିଲାପାଳଙ୍କ ସ୍ମୃତିସଭା

ଭଦ୍ରକ,୧୦।୯(ରବିନାରାୟଣ ଖିଲାର)

ଗଜପତିର ପୂର୍ବତନ ଜିଲାପାଳ ସ୍ୱର୍ଗତ ରବୀନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ଅବସରରେ ତାଙ୍କର ଜନ୍ମସ୍ଥାନ ଭଦ୍ରକ ବ୍ଲକର ସାବରଙ୍ଗସ୍ଥିତ ଆଟୋ ଗ୍ରାମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବ୍ରହ୍ମାନନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଡା. ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରାକ୍ତନ ସରପଞ୍ଚ ବିଭୂତି ସାମନ୍ତ, ଶିକ୍ଷାବିତ୍ ସୁରେଶ ପୁହାଣ, ପ୍ରାକ୍ତନ ସମିତିସଭ୍ୟ ନରେଶ ଚନ୍ଦ୍ର ପୁହାଣ, ସାମାଜିକ କର୍ମୀ ଦୀନବନ୍ଧୁ ବାରିକ, ଖବରଦାତା ଆଶିଷ କୁମାର ମହାନ୍ତି, ସୁରେନ୍ଦ୍ର ମୋହନ ରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଭଣଜା ବିଭୂତି ଭୂଷଣ ନାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## 'ଶିକ୍ଷା ପ୍ରତ୍ୟେକ ମଣିଷର ମୌଳିକ ଅଧିକାର'




ଭଦ୍ରକ, ୧୦।୯ (ରବିନାରାୟଣ ଖିଲାର)

ଚାରିଘରିଆସ୍ଥିତ ଆଦିବାସୀ କଲୋନୀଠାରେ ଭଦ୍ରକ ଇନର ହୁଇଲ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଦସ୍ୟମାନେ ବସ୍ତିର ପିଲାମାନଙ୍କୁ ସ୍କୁଲ ବ୍ୟାଗ୍, ଓଡ଼ିଆ ବର୍ଣ୍ଣବୋଧ ବହି ଓ ହସ୍ତାକ୍ଷର ଖାତା ବଣ୍ଟନ କରିଥିଲେ। ଆରମ୍ଭରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ରୋଟାରିଆନ ଅଭିଜିତ ନାୟକ ଓ ପୁରୁଷୋତ୍ତମ ଆର୍ଯ୍ୟ ଇନର ହୁଇଲର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସଭାନେତ୍ରୀ ଅନୀମା ନାୟକ ଓ ସମ୍ପାଦିକା ରଶ୍ମୀରେଖା ପରମାଣିକ କହିଥିଲେ, ଶିକ୍ଷା ପ୍ରତ୍ୟେକ ମଣିଷର ମୌଳିକ ଅଧିକାର। କୌଣସି ଶିଶୁ ଏଥିରୁ ବଞ୍ଚିତ ହେବା ଅନୁଚିତ ବୋଲି ମତବ୍ୟକ୍ତ କରିବା ସହ ପିଲାମାନଙ୍କୁ ପ୍ରତ୍ୟେକ ଦିନ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଥିଲେ। ବସ୍ତିର ପିଲାମାନଙ୍କୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଞ୍ଜୁବାଳା ରାଉତ, ପ୍ରଭାତୀ ଜେନା, ସୁରଜିତା ନାୟକ, ପ୍ରଣତୀ ମଲ୍ଲିକ, ସ୍ମିତା ମହାନ୍ତି, ବୀଣାପାଣି ପଣ୍ଡା, ସ୍ନେହଲତା ବେହେରା ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ପିଲାମାନଙ୍କୁ ମିଠା ଓ ବିସ୍କୁଟ ବିତରଣ କରାଯାଇଥିଲା। ତୁଳସୀ ଗୁରୁମା ଓ ବିଦ୍ୟାଧର କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# କଲ୍ୟାଣ ମଣ୍ଡପ ନିର୍ମାଣରେ ଅନିୟମିତତା

## ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ବନ୍ଦ ରଖିଲେ କାଉନ୍‌ସିଲର

ଧାମନଗର,୧୦।୯(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଧାମନଗର ଏନ୍‌ଏସି ୧ନଂ. ୱାର୍ଡର ଭଣ୍ଡାରିପଦୀ ଗ୍ରାମ ନିକଟସ୍ଥ ପଡ଼ିଆରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ନିମ୍ନମାନର ଅଭିଯୋଗ କରି କାଉନସିଲର ଓ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଛନ୍ତି। ଦୀର୍ଘଦିନ ଧରି କାଉନସିଲର ଉତ୍ତମ କୁମାର ମହାନ୍ତିଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। କୌଣସି ତଦନ୍ତ ନ ହେବାରୁ ମଙ୍ଗଳବାର ନିର୍ମାଣ କାର୍ଯ୍ୟ ବନ୍ଦ କରି ତଦନ୍ତ ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର ଅଟକଳ ମୂଲ୍ୟରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଧାର୍ଯ୍ୟ ହୋଇଥିଲା। ଗତ ମାର୍ଚ୍ଚରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସୂଚନା ଫଳକ ଲଗାଯାଇ ନାହିଁ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ନିମ୍ନମାନର ଲୁହା ରଡ୍, ସିମେଣ୍ଟ, ଚିଲ୍ଲା ମେଟାଲ ସହ ମାଟି ମିଶା ବାଲିରେ କାମ କରାଯାଉଛି। ପାଇଲିଂ ଗଭୀରତା ଏଷ୍ଟିମେଟ ଅନୁଯାୟୀ ୧୨ ମିଟର ବଦଳରେ ୫ରୁ ୬ ମିଟର ପାଇଲିଂ ଖୋଳି କଂକ୍ରିଟ ଢଳେଇ କରାଯାଇଛି। କାଉନସିଲରଙ୍କ ସମେତ ସ୍ଥାନୀୟ ବାସିନ୍ଦା କ୍ଷେତ୍ର ପରିଦର୍ଶନ ସମୟରେ ଏ ବାବଦରେ ଜାଣିବା ପରେ ବିଭାଗୀୟ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ। ପାଇଲିଂ ଗଭୀରତାକୁ ତଦନ୍ତ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଥିଲେ। ୬ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତ କରାଯାଇ ନ ଥିବାରୁ କାର୍ଯ୍ୟ ବନ୍ଦ କରାଯାଇଛି ବୋଲି କାଉନସିଲରମାନେ କହିଛନ୍ତି। ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର ନିମ୍ନମାନର କାମକୁ ଅସ୍ୱୀକାର କରିବା ସହ ଅଭିଯୋଗ ଉପରେ ତୁରନ୍ତ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ନିମ୍ନମାନର କାର୍ଯ୍ୟ ନେଇ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ। ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି କାଉନସିଲର ଉତ୍ତମ କୁମାର ମହାନ୍ତିଙ୍କ ସହ ସ୍ଥାନୀୟ ବାସିନ୍ଦା ବୈରାଗୀ ଚରଣ ରାଉତ, ମାନସ ପରିଡ଼ା, ସୁଦାମ ଲେଙ୍କା, ପ୍ରଶାନ୍ତ ପରିଡ଼ା, ଅଭୟ ପରିଡ଼ା, ଅଭିରାମ ସାମଲ, ଦେବାଶିଷ ମହାନ୍ତି ପ୍ରମୁଖ କହିଛନ୍ତି।



ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ନିକଟରେ ଉପସ୍ଥିତ କାଉନସିଲର ଓ ଗ୍ରାମବାସୀ।

## ସଂକ୍ଷେପରେ

### ଋଣ ଭାର ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

ସୋର, ୧୦।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଦହିସଡା ପଞ୍ଚାୟତ ଚାରିଘରିଆ ସାହି ଗ୍ରାମର ରାକେଶ ଜେନା ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ରାକେଶ ପୂର୍ବରୁ ଏକ ଚା' ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ସେ ଗତ ୩ ମାସ ତଳେ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ଗ୍ରୁପରୁ ଋଣ ନେଇ ଏକ ଡିଜେ ଗାଡି କିଣିଥିଲେ। ମାତ୍ର ଚଳିତବର୍ଷ ଡିଜେ ଗାଡି ବ୍ୟାନ ହେବାରୁ ରାକେଶ ଠିକ୍ ସମୟରେ କିସ୍ତି ଟଙ୍କା ପୈଠ କରିପାରି ନ ଥିଲେ। ଏନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ସୋମବାର ସେ ଘରକୁ ଫେରି ଅଲଗା ରୁମ୍‌ରେ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ଉକ୍ତ ଘର ଝରକାରେ ରାକେଶ ଫ୍ୟାନରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୯୨ ୟୁନିଟ୍ ରକ୍ତ ସଂଗ୍ରହ

ବସ୍ତା, ୧୦।୯(ହରିଶଙ୍କର ପାଢ଼ି)

ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ନିମପଦା ବାବା ଗଣେଶ ୟୁଥ କ୍ଲବର ଗଣେଷ ପୂଜା ଅବସରରେ ଏକ ରକ୍ତଦାନ ଶିବିର ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ବସନ୍ତ କୁମାର ଉପାଧ୍ୟାୟଙ୍କ ସହଯୋଗରେ ନିମପଦା ପୂଜା କମିଟି ପରିସରରେ ଅନୁଷ୍ଠିତ ହୋଇଥିଲା। ରକ୍ତ ଅଭାବକୁ ଲକ୍ଷ୍ୟ କରି କ୍ଲବର ସମସ୍ତ ସଭ୍ୟ ଗଣେଶ ପୂଜା ଉପଲକ୍ଷେ ଏକ ନିଆରା କାର୍ଯ୍ୟକ୍ରମ କରିଥିଲେ। କ୍ଲବ ସଭାପତି ମହତ କୁମାର ବେହେରା, ଉପସଭାପତି ଶଶିକାନ୍ତ ଦାସ, ସମ୍ପାଦକ ଅମୀୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଗ୍ରାମର ମୁଖିଆ ମୁଖ୍ୟଅତିଥି ଭାବେ ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରକ୍ତ କେନ୍ଦ୍ରର ଡା. ବି ଉପାଧ୍ୟାୟ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ ହୋଇଥିଲା ବେଳେ ଶିବିରରୁ ୯୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶହେରୁ ଅଧିକ ରକ୍ତ ସଂଗ୍ରହ ହେବାର ଥିଲା। ଝିପି ଝିପି ବର୍ଷା ହେଉଥିବାରୁ ରକ୍ତଦାତାମାନେ ଆସିବାର ଅସୁବିଧା ପରିଲକ୍ଷିତ ହୋଇଥିଲା। କ୍ଲବର ସଭ୍ୟ ବିଶ୍ୱଭୂଷଣ ଦାସ, ରାଜେଶ ବେହେରା, ମହେନ୍ଦ୍ର ଦାସ, ସୁବାସ ମଲ୍ଲିକ, ରଜତ ମଲ୍ଲିକ, ଭୀଷ୍ମ କୁମାର ଦାସ, ମୃତ୍ୟୁଞ୍ଜୟ ମଲ୍ଲିକ, କାହ୍ନୁ ଚରଣ ସାନ୍ତରା, ଅର୍ଜୁନ ମଲ୍ଲିକ ଓ ଦୟାନିଧି ଦାସଙ୍କ ସହିତ ବହୁ ସଦସ୍ୟ ଶିବିରକୁ ପରିଚାଳନା କରିଥିଲେ।

### ଥାନା, ତହସିଲ ପରିସରରେ ଚାରାରୋପଣ

ବାଲିଆପାଳ, ୧୦।୯(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ପରିସରରେ ସୂଚନା ଅଧିକାର ଆଇନ ଅଭିଯାନ, ବାଲିଆପାଳ ଶାଖାର ପକ୍ଷରୁ ପେସ୍ତା ବାଦାମ ଚାରାରୋପଣ କରାଯାଇଥିଲା। ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ ଯୋଗଦେଇ ଚାରାରୋପଣ କରିଥିଲେ। ସେହିପରି ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ଫୁଲଫଳ ଚାରାରୋପଣ କରାଯାଇଥିଲା। ବାଲିଆପାଳ ତହସିଲଦାର ଜନକ କୁମାର ନାୟକ ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଥିଲେ। ସୂଚନା ଅଧିକାର ସଂଘ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର ଓ ଅନ୍ୟମାନେ ଚାରା ରୋପଣ କରିଥିଲେ।

# ବାଘାଯତୀନଙ୍କ ବଳିଦାନ ଅବିସ୍ମରଣୀୟ: ମନ୍ତ୍ରୀ

## ୧୦୯ତମ ସ୍ମୃତି ଦିବସ

ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)



ସ୍ମୃତି ଦିବସରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ବୋଧନ ଦେଉଛନ୍ତି।

ଶହୀଦ ବାଘାଯତୀନ ବ୍ରିଟିଶଙ୍କ ବିରୋଧରେ ସଂଗ୍ରାମ କରିଦେଶ ପାଇଁପ୍ରାଣ ଦେଇଥିଲେ। ତାଙ୍କର ବଳିଦାନ ଓ ଦେଶପ୍ରେମ ଅବିସ୍ମରଣୀୟ ବୋଲି ମୁଖ୍ୟଅତିଥି ଭାବେ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମତବ୍ୟକ୍ତ କରିଥିଲେ।

ବାଲେଶ୍ୱର ସହରସ୍ଥିତ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାଘାଯତୀନ ଉନ୍ନୟନ କମିଟି ଆନୁକୂଲ୍ୟରେ ମଙ୍ଗଳବାର ଶହୀଦ୍ ବାଘାଯତୀନଙ୍କ ୧୦୯ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ଜିଲାପାଳ ତଥା କମିଟି ସଭାପତି ସୂର୍ଯ୍ୟବଂଶୀ ମୟୁର ବିକାଶ ଏଥିରେ ସଭାପତିତ୍ୱ କରି ବାଘାଯତୀନଙ୍କ ସାହସିକତା ଏବଂ ନିସ୍ୱାର୍ଥପର ସେବାର ମୂଲ୍ୟବୋଧକୁ ବଜାୟ ରଖି ଏକ ଉନ୍ନତ ଭାରତ ଗଠନ ଦିଗରେ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ସୁରଜ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥିମାନେ ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶହୀଦ ବୀରମାନଙ୍କ ବଳିଦାନ କେବେ ବ୍ୟର୍ଥ ଯାଏନି। ଯେଉଁ ନିର୍ଭୀକତା ପାଇଁ ତାଙ୍କୁ 'ବାଘା' ଉପାଧିରେ ଭୂଷିତ କରାଯାଇଥିଲା ତାହା ଯୁବପିଢ଼ିଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ବିଧାୟିକା ସୁବାସିନୀ ଜେନା, ପୌରାଧ୍ୟକ୍ଷା ସବିତା ସାହୁ, କୋଲକାତାରୁ ଆସିଥିବା ବାଲେଶ୍ୱର ଆତ୍ମ ଉତ୍ସର୍ଗ କମିଟିର ସାଧାରଣ ସମ୍ପାଦକ ପ୍ରବାଳ ମୁଖାର୍ଜୀ ମଞ୍ଚାସୀନ ହୋଇ ବିପ୍ଳବୀ ବାଘାଯତୀନଙ୍କ ଇତିହାସ ରୋମନ୍ଥନ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ଦେବ ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ହରେନ ଚନ୍ଦ୍ର ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କମିଟିର ଅନ୍ୟତମ ପ୍ରତିଷ୍ଠାତା ଶରତ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧନା ପୂର୍ବକ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ଓ ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥ ଯାତ୍ରୀ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ଓ ଅତିଥିଗଣ ବାଲେଶ୍ୱର ଜେଲରେ ଫାଶୀ ମଞ୍ଚ ଓ ସ୍ମୃତି ମଣ୍ଡପରେ ଶହୀଦଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରିଥିଲେ। ଶହୀଦ ବାଘାଯତୀନ ବିକାଶ ପରିଷଦ ଆନୁକୂଲ୍ୟରେ ରେମୁଣା ବ୍ଲକ ଦେଶୁଆଁ ପୋଖରୀ ସ୍ଥିତ ରକ୍ତତୀର୍ଥ କ୍ଷେତ୍ରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୁରଜ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି, ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତି, ସର୍ବେଶ୍ୱର ବୁଗୁଡ଼ାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଫୁଟ୍‌ବଲ, ଚେସ୍ ଓ ଯୋଗ ପ୍ରତିଯୋଗିତା

ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ, ଚେସ୍ ଓ ଯୋଗ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଜିଲା ଶିକ୍ଷାଧିକାରିଣୀ ପ୍ରାଚୀତନୟା ଗିରି ଯୋଗଦେଇ ଏହି ପ୍ରତିଯୋଗିତା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଏଡ଼ିଇଓ ଧରଣୀଧର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଖ୍ରୀଷ୍ଟିୟାନ ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଜୁନିୟର ବର୍ଗ (୧୪ ବର୍ଷରୁ କମ୍) ଓ ସିନିୟର ବର୍ଗ (୧୭ ବର୍ଷରୁ କମ୍)ରେ ଜିଲା ଅନ୍ତର୍ଗତ ୧୨ଟି ବ୍ଲକରୁ ବାଳକ ବିଭାଗରେ ୨୨୭ଜଣ ଓ ବାଳିକା ବିଭାଗରେ ୧୦୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଫୁଟବଲ ମ୍ୟାଚ୍ ଆୟୋଜିତ ହୋଇଥିବା ବେଳେ ଜେଆର୍‌ସି ଭବନ ପରିସରରେ ଚେସ୍ ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଗୋପୀନାଥପୁର-ନୀଳଦା ରାସ୍ତା ଶିଳାନ୍ୟାସ

**୩.୭୮ କୋଟିରେ ନିର୍ମାଣ ହେବ**

ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)


ଶିଳାନ୍ୟାସ ଉତ୍ସବରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଗୋପୀନାଥପୁର-ନୀଳଦା ରାସ୍ତାର ଶିଳାନ୍ୟାସ ସୋମବାର ହୋଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

ରାଜ୍ୟ ସରକାର ପ୍ରତ୍ୟେକ ସମସ୍ୟା ସମାଧାନ ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୩.୭୮ କୋଟି ଟଙ୍କାରେ ଏହି ରାସ୍ତା ନିର୍ମାଣ ହେବ। ଏହାର ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଛି ବୋଲି ବିଧାୟକ ଦତ୍ତ କହିଥିଲେ। ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଅଧିକାରୀ ଓ ଠିକାଦାରଙ୍କୁ ଏମ୍‌ପି ଓ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତପନ କୁମାର ବେହେରା, କନିଷ୍ଠଯନ୍ତ୍ରୀ ଉପେନ୍ଦ୍ର ବେହେରା, ଭାଜପାର ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଅନନ୍ତ ନାୟକ, କାର୍ତ୍ତିକ ରାଉତ, ବୃନ୍ଦାବନ ରାଉତ, ମାମନୀ ଜେନା, ଯୋଗେନ୍ଦ୍ର ପରିଡ଼ା ଓ ମଣ୍ଟୁ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଦେୟଯୁକ୍ତ ପ୍ରଥମଶ୍ରେଣୀ ରେଳ ପ୍ରତୀକ୍ଷାଳୟ ଲୋକାର୍ପିତ

ଜଳେଶ୍ୱର, ୧୦।୯(ରବିନାରାୟଣ ପାତ୍ର)

ଦୀର୍ଘବର୍ଷ ମରାମତି ଓ ନବୀକରଣ ଚାଲିଥିବା ଜଳେଶ୍ୱର ରେଳଷ୍ଟେଶନର ପ୍ରଥମଶ୍ରେଣୀ ପ୍ରତୀକ୍ଷାଳୟ ମଙ୍ଗଳବାର ଲୋକାର୍ପିତ ହୋଇଛି। ପୂର୍ବରୁ ଏହା ଦେୟମୁକ୍ତ ଥିବା ବେଳେ ଆଜିଠାରୁ ଘଣ୍ଟା ପ୍ରତି ୨୦ଟଙ୍କା ଦେୟ ଦେବା ସମ୍ପର୍କରେ ଉଦ୍‌ଘାଟନ ଅବସରରେ ରେଳ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦନ ସିଂହ ଆଜି ପ୍ରକାଶ କରିଛନ୍ତି । ଅପେକ୍ଷାରତ ରେଳଯାତ୍ରୀ ପ୍ରମାଣସହ ଏହାର ସୁବିଧା ନେଇପାରିବେ ବୋଲି ସିଂହ କହିଛନ୍ତି। ଅପରାହ୍ନରେ ଏହାକୁ ଜଳେଶ୍ୱର ବଣିକସଂଘ ସଭାପତି ସୁଧୀର କୁମାର ମହାନ୍ତି, ସିଂହ ଓ ଆଇନଜୀବୀ ରାମଚନ୍ଦ୍ର ଜେନା ଏହାକୁ ଲୋକାର୍ପିତ କରିଥିଲେ ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ଖଇରା, ୧୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟ +୩ ବିଭାଗରେ ଚାଲିଥିବା ୨୦ ଦିନିଆ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ଉଦୟ ରଞ୍ଜନ ଦାସ ଛାତ୍ରୀମାନଙ୍କ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଲିମଦାତ୍ରୀ ଭାବେ ସସ୍ମିତା ଖଟୁଆ ବିଭିନ୍ନ କୌଶଳ ଶିଖାଇଥିଲେ। ତାଲିମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହ ସଂଯୋଜିକା ଭାବେ ଶିକ୍ଷାବିଭାଗ ଅଧ୍ୟାପିକା ପକନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଉଚ୍ଚ ଜୁଆରକୁ ରୋକିବା ପାଇଁ ଲୁଣାବନ୍ଧ ସୁଦୃଢ଼ୀକରଣ ହେବ

ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ ସମୁଦ୍ରରେ ଉଚ୍ଚ ଜୁଆର ଆସି ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଲବଣାକ୍ତ ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ପହଞ୍ଚାଇଥାଏ। ଲୁଣାବନ୍ଧ ନ ଥିବା ଗ୍ରାମଗୁଡ଼ିକର ଶତାଧିକ ଏକର ଚାଷଜମିରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ। ଲୁଣାବନ୍ଧ ନିର୍ମାଣ ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି ବୋଲି ବସ୍ତା ବିଧାୟିକା ସୁବାସିନୀ ଜେନା ବିଧାନସଭାରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱର ଜିଲାର ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଲବଣାକ୍ତ ଜଳ ପ୍ରବେଶ ଏବଂ ତଜ୍ଜନିତ ବ୍ୟାପକ କ୍ଷୟକ୍ଷତିକୁ ରୋକିବା ପାଇଁ ମୋଟ୍ ୨୦୦.୫୫ କି.ମି. ଦୈର୍ଘ୍ୟର ଲୁଣାବନ୍ଧ ନିର୍ମାଣ କରାଯାଇଛି। 'ମୁଖ୍ୟମନ୍ତ୍ରୀ ଡିଜାଷ୍ଟର ରେଜିଲିଏଣ୍ଟ ସାଲାଇନ ଏମ୍ବାକମେଣ୍ଟ ପ୍ରୋଜେକ୍ଟ' ଯୋଜନା ମାଧ୍ୟମରେ ଜିଲାର ବିଭିନ୍ନ ସ୍ଥାନରେ ୮୯.୯୦ କି.ମି. ଦୈର୍ଘ୍ୟର ଲୁଣାବନ୍ଧକୁ ସୁଦୃଢ଼ୀକରଣ କରିବା ପାଇଁ ୩୭୫ କୋଟି ୩୨ଲକ୍ଷ ଟଙ୍କା ବ୍ୟୟରେ ୨୦ଗୋଟି କାର୍ଯ୍ୟ ହାତକୁ ନିଆଯାଇଛି। ଏବେ ସୁଦ୍ଧା ୨୦ଗୋଟି କାର୍ଯ୍ୟ ମଧ୍ୟରୁ ୧୧ଗୋଟି କାର୍ଯ୍ୟ ଚାଲୁ ରହିଛି, ୮ ଗୋଟି କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ଅଛି ଏବଂ ଅବଶିଷ୍ଟ ୧ ଗୋଟି କାର୍ଯ୍ୟର ଟେଣ୍ଡର ହେବାର ଅଛି ବୋଲି ସ୍ପଷ୍ଟ କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

ଜଳେଶ୍ୱର, ୧୦।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ୍ କେଏମସାହି ପଞ୍ଚାୟତ ଗୋପାଳ ପ୍ରସାଦ ଗ୍ରାମର ବରାଙ୍ଗସାହି ପ୍ରାଥମିକ ବିଦ୍ୟାଳୟରେ ଗଣେଶ ପୂଜା କରା ନ ଯିବା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବିମଳା ମାରାଣ୍ଡିଙ୍କୁ ଅଭିଭାବକମାନେ ପଚାରିବାରୁ ସେ ଦୁର୍ବ୍ୟବହାର କରିଥିଲେ। ଏଥିରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଦେଇଥିଲେ। ସିଆର୍‌ସିସି ଗଜେନ୍ଦ୍ର ନାଥ ଦଳେଇ, ବିଦ୍ୟାଳୟ କମିଟି ସଭ୍ୟ ଲକ୍ଷ୍ମୀଧର ସିଂ, ନାଏବ ସରପଞ୍ଚ କ୍ଷିତିଶ ଦେ, ବିପ୍ଳବ ପ୍ରଧାନ ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିଥିଲେ। ଏନେଇ ଅଭିଭାବକ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା କହିଛନ୍ତି, ଉକ୍ତ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ପାଇଁ ଚିଠି କରାଯାଇଛି। ବୁଧବାର ୧୦ଟା ବେଳେ ଜଳେଶ୍ୱର ବିଇଓ, ଅତିରିକ୍ତ ବିଇଓ ଏବଂ ସିଆର୍‌ସିସି ଆସି ତଦନ୍ତ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରୁ ଛାଡ଼ିଥିଲେ।

# ଅଙ୍ଗନୱାଡି କେନ୍ଦ୍ରକୁ ନିମ୍ନମାନର ଡ୍ରେସ ଯୋଗାଣ

ଖଇରା, ୧୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ୩୪୮ ଅଙ୍ଗନୱାଡି କେନ୍ଦ୍ରକୁ ଡ୍ରେସ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧୀରେ ଧୀରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଡ୍ରେସ ଯୋଗାଣକାରୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉପରେ ବିଷୋଦଗାର କରିଛନ୍ତି। ନିମ୍ନମାନର ଡ୍ରେସ ଯୋଗାଣ ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ଓଡିଶା ଜୀବିକା ମିଶନ ଭଳି ବିଭାଗ କର୍ମଚାରୀଙ୍କ ମିଳିତ ଭାଗିଦାରୀରେ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳିକି ଅଭିଯୋଗର ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଅଭିଭାବକ ଓ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସରକାରଙ୍କ ତରଫରୁ ୩ରୁ ୬ବର୍ଷ ପିଲାଙ୍କ ପାଇଁ ୨ହଳ ଡ୍ରେସ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଥିଲା । ଏଥିମଧ୍ୟରୁ ଗୋଟିଏ ହଳ ଡ୍ରେସ ସ୍ୱୟଂ ସହାୟକା ଗୋଷ୍ଠୀ ଓ ଅନ୍ୟ ଗୋଟିଏ ହଳ ସିଧାସଳଖ କେନ୍ଦ୍ରର କର୍ମୀମାନଙ୍କ ଦ୍ୱାରା ଯୋଗାଇବା କଥା । ସେହିଭଳି ଡ୍ରେସ ବାବଦରେ ପୁଅ ପିଲାଙ୍କ ପାଇଁ ୧୦୦ ଓ ଝିଅ ପିଲାଙ୍କପାଇଁ ୧୫୦ଟଙ୍କା ପ୍ରଦାନ କରାଯାଇଛି। ୩୪୮କେନ୍ଦ୍ରକୁ ଡ୍ରେସ ଯୋଗାଇବାକୁ ୧୧ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ନିଜେ ତିଆରି ନ କରି ଖୋଲା ବଜାରରୁ ଡ୍ରେସ ଆଣି କେନ୍ଦ୍ରକୁ ଯୋଗାଇଥିବା କୁହାଯାଉଛି। ଏବେ ଏହି ଡ୍ରେସ ଯୋଗାଣକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଡ୍ରେସ ଅତ୍ୟନ୍ତ ନିମ୍ନମାନର ବୋଲି ପଦୁନା, କୁପାରୀ, ପାଖରମୌଦା, କବର, ଧାନଘରପଦା ଓ ଆନ୍ଦୋଳା ଭଳି ବହୁ କେନ୍ଦ୍ରର କର୍ମୀମାନେ ଅଭିଯୋଗ କରିଛନ୍ତି। ସିଡିପିଓ ନଳିନୀ କୁମାରୀ ମହାରଣାଙ୍କୁ ଯୋଗାଯୋଗ କରିବାରେ କୌଣସି କର୍ମୀ ନିମ୍ନମାନର ଡ୍ରେସ ଉପଲବ୍ଧି କଲେ ତାକୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ମତାମତ ନିଆଯିବାରେ ଅଭିଯୋଗ ତାଙ୍କ ନିକଟକୁ ଆସିଛି । ଖୁବଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ଏସ୍‌ସିବିରେ ଭର୍ତ୍ତି ହେଲେ କେନ୍ଦୁଝରର ରାଧାକାନ୍ତ

**ସାମାଜିକ ଗଣମାଧ୍ୟମରୁ ସୂଚନାପାଇ ଯୋଗାଯୋଗ କଲେ ମେଡିକାଲ କର୍ତ୍ତୃପକ୍ଷ**

କଟକ, ୧୦।୯(ଶିକ୍ଷା ପ୍ରିୟଦର୍ଶିନୀ)

କେନ୍ଦୁଝର ଅଞ୍ଚଳର ରାଧାକାନ୍ତ ନାୟକ ଚିକିତ୍ସା ପାଇଁ ମଙ୍ଗଳବାର ଏସ୍‌ସିବି ମେଡିକାଲର ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଗୋଡରେ ଘା ହେବା ଯୋଗୁ ତଳ ଅଂଶ ନଷ୍ଟ ହୋଇଯାଇଛି। ଏନେଇ ସାମାଜିକ ଗଣମାଧ୍ୟମରେ ତାଙ୍କ ଫଟୋ ପୋଷ୍ଟ କରାଯାଇଥିଲା। ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ମେଡିକାଲ ପକ୍ଷରୁ ତାଙ୍କୁ ଏସ୍‌ସିବି ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ସେ ଏସ୍‌ସିବିରେ ପହଞ୍ଚିବା ପରେ ସର୍ଜରି ବିଭାଗରେ ତାଙ୍କର ବିଭିନ୍ନ ପରୀକ୍ଷା ସହ ପ୍ରାଥମିକ ଚିକିତ୍ସା କରାଯାଇଛି। ପରୀକ୍ଷା ରିପୋର୍ଟ ବୁଧବାର ଆସିବା ପରେ ସେହି ଅନୁଯାୟୀ ତାଙ୍କର ଚିକିତ୍ସା କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ବେତନଟୀ ବ୍ଲକ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ

ବୈଶିଙ୍ଗା, ୧୦।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ବେତନଟୀ ବ୍ଲକ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ ସୋମବାର ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଦୀପକ କୁମାର ସିଂହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆଗାମୀ ଜାତୀୟ ପ୍ରେସ ଦିବସ ନଭେମ୍ବର ୧୬କୁ ପାଳନ କରିବା ନିମନ୍ତେ ଆଲୋଚନା କରାଯାଇ ଚଳିତ ବର୍ଷ ମଧ୍ୟ ବୈଶିଙ୍ଗାଠାରେ ପ୍ରେସ ଦିବସ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସଙ୍ଘର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ରକ୍ତଦାନ ଶିବିର, ଚାରାରୋପଣ, ବିଭିନ୍ନ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସ୍ଥିର ହୋଇଥିଲା। ଆଲୋଚନାରେ ଅରୁଣ କୁମାର ଓତା, ସୀତାନାଥ ବେହେରା, ସଚ୍ଚିଦାନନ୍ଦ ମହାନ୍ତି, ବିମଳେନ୍ଦୁ ମହାପାତ୍ର, ସତ୍ୟପ୍ରକାଶ ପ୍ରଧାନ, ରଣଜିତ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଦେବବ୍ରତ ପରିଡା ଓ ସତ୍ୟଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅମ୍ବୁଡସ ପର୍ସନଙ୍କ ପ୍ରୋସିଡିଂ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

କେନ୍ଦୁଝର/ହାଟଡିହୀ, ୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

ହାଟଡିହୀ ବ୍ଲକ ସମ୍ପର୍କିତ ଏକ ମାମଲାର ଶୁଣାଣି କରି କେନ୍ଦୁଝର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡସ ପର୍ସନଙ୍କ ପ୍ରୋସିଡିଂ ଉପରେ ଓଡିଶା ହାଇକୋର୍ଟ ୬।୯।୨୦୨୪ରେ ମଧ୍ୟବର୍ତ୍ତୀ କାଳୀନ ସ୍ଥଗିତାଦେଶ ଜାରି କରିଛନ୍ତି। ଡବ୍ଲ୍ୟୁ.ପି.(ସି) ନଂ. ୨୦୯୯୫/୨୦୨୪ ଅଟେ । ପକ୍ଷଭୁକ୍ତ ହିମାଂଶୁ ଶେଖର ନାୟକ, କେନ୍ଦୁଝର ଜିଲାପାଳ, କେନ୍ଦୁଝର ଜିଲା ପରିଷଦ ସିଡିଓ, ଆନନ୍ଦପୁର ଉପଜିଲାପାଳ, ହାଟଡିହୀ ବିଡିଓ, କେନ୍ଦୁଝର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡ଼ସ ପର୍ସନଙ୍କୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ହାଟଡିହୀ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଆର୍ଥିକ ଅନିୟମିତତା ମାମଲା ନେଇ ପ୍ରଥମେ ଓଡ଼ିଶା ଲୋକାୟୁକ୍ତଙ୍କଠାରେ ହିମାଂଶୁ ଶେଖର ନାୟକ ନାମକ ବ୍ୟକ୍ତି ଅଭିଯୋଗ କରିଥିଲେ ଲୋକାୟୁକ୍ତଙ୍କ ନୋଟିସ୍ ଅନୁସାରେ ସରକାରୀ କର୍ମଚାରୀ ଏବଂ ଲୋକ ପ୍ରତିନିଧିମାନେ ଲିଖିତ ଜବାବ ରଖିଥିଲେ। ମାମଲାର ଶୁଣାଣି ଚାଲିଥିବା ବେଳେ ଲୋକାୟୁକ୍ତ କେନ୍ଦୁଝର ଜିଲାପାଳଙ୍କୁ ମଗାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟକୁ ଚ୍ୟାଲେଞ୍ଜ କରି ବ୍ଲକ କର୍ମଚାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ । ଯାହାକି ଏବେ ବିଚରାଧୀନ ଅଛି । କିନ୍ତୁ ପରବର୍ତ୍ତୀ ସମୟରେ ସେହି ସମାନ ଘଟଣାକୁ ନେଇ ହିମାଂଶୁ ଶେଖର ପୁଣି ସରକାରୀ ଦପ୍ତରରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ଅନୁସାରେ କେନ୍ଦୁଝର ଏମ୍‌ଜିଏନ୍‌ଆର୍‌ଇଜିଏସ ଅମ୍ବୁଡସ ପର୍ସନ ହାଟଡିହୀ ବ୍ଲକ କାର୍ଯ୍ୟାଳୟକୁ ନୋଟିସ (ନଂ.୧୫/୨୦।୪।୨୦୨୪) ଜାରି କରି ତଦନ୍ତ କରିଥିଲେ। ଏହାକୁ ବିରୋଧ କରି ଯନ୍ତ୍ରୀ ସୁପ୍ରଭା ପ୍ରଧାନ ଏବଂ ଜ୍ୟୋତି ରଞ୍ଜନ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଏସ୍.କେ. ମିଶ୍ର ମାମଲାର ଶୁଣାଣି କରି ଅମ୍ବୁଡସ ପର୍ସନଙ୍କ ପ୍ରୋସିଡିଂ ଉପରେ ସ୍ଥଗିତାଦେଶ ଜାରି କରିବା ସହ ପକ୍ଷଭୁକ୍ତଙ୍କୁ ନୋଟିସ କରିବାକୁ ଆଦେଶ କରିଛନ୍ତି।

# ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ

ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ର ମିଳିତ ଆନୁକୂଲ୍ୟରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଆୟୋଜିତ ସଭାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସୁମିତ୍ରା ଦେ ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟଅତିଥି ବରିଷ୍ଠ ଡା. ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ପର୍ଯ୍ୟାପ୍ତ ବୃକ୍ଷରୋପଣ, ସାଇକେଲ ଚାଳନା, ସୋଲାର ଲାଇଟ୍, ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂକ୍ରମଣ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ, ଡିପିଏମ ଅନିଲ ମହାନ୍ତି, ମୌସୁମୀ ସାମଲ ଓ ଶାଶ୍ୱତୀ ମହାପାତ୍ର ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣିକାନ୍ତ ଭଞ୍ଜ ପରିଚାଳନା କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## କେନ୍ଦୁଝର ଟାଇମ୍‌ସର ପ୍ରତିଷ୍ଠାତା ନିରଞ୍ଜନ ନାୟକଙ୍କ ପରଲୋକ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ଛେନାପଦି(ନିରାକାର ପରିଡ଼ା), ୧୦।୯

କେନ୍ଦୁଝର ଜିଲା ପ୍ରେସ କ୍ଲବର ସଭାପତି, ବରିଷ୍ଠ ସାମ୍ବାଦିକ ତଥା କେନ୍ଦୁଝର ଟାଇମସର ପ୍ରତିଷ୍ଠାତା ନିରଞ୍ଜନ ନାୟକଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି କ୍ୟାନସରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଶାଳନ୍ଦୀର ସେ ସମ୍ପାଦକ ମଧ୍ୟ ଥିଲେ। ତାଙ୍କ ଘର କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ପଡିଆରପଲ୍ଲୀ ହୋଇଥିଲେ ମଧ୍ୟ ସେ କେନ୍ଦୁଝର ସହରରେ ଅବସ୍ଥାନ କରି ସାମ୍ବାଦିକତା କରୁଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।



# ଟସର ଚାଷ କରି କେନ୍ଦୁଝର ଚାଷୀ ଲାଭବାନ

କେନ୍ଦୁଝର,୧୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଟସର ହେଉଛି ଏକ ଲାଭଜନକ ଚାଷ। ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ଏହି ଚାଷକୁ ପ୍ରୋତ୍ସାହନ ଦିଆଯାଇ ଚାଷୀମାନଙ୍କ ଜୀବିକାକୁ ସୁଦୃଢ଼ କରାଯାଉଛି। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ଆର୍ଥିକ ସହାୟତା ଯୋଗାଇ ଦେଉଛି। କେନ୍ଦୁଝର ଜିଲାର ତେଲକୋଇ, ହରିଚନ୍ଦନପୁର, ଘଟଗାଁ ଏବଂ ବାଂଶପାଳ ବ୍ଲକରେ ବ୍ୟାପକ ଭାବେ ଟସର ଚାଷ କରାଯାଉଛି। ୩ ହଜାରରୁ ଅଧିକ ଚାଷୀ ଏହି ଚାଷ ସହିତ ଯୋଡ଼ି ହୋଇଛନ୍ତି। ଉନ୍ନତ ଉପାୟରେ ଟସର ଚାଷ କରି ସେମାନେ ବାର୍ଷିକ ୧ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଚାଷୀମାନଙ୍କୁ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇଦେବା ଲାଗି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ ଅଧୀନରେ ୧୩ଟି ଟସର ସେବା ସମବାୟ ସମିତି (ଟିଆର୍‌ସିଏସ୍) ରହିଛି। ଜିଲା ରେଶମ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ଏହି ଚାଷ କରାଯାଉଛି। ୨୦୨୩-୨୪ ବର୍ଷରେ କେନ୍ଦୁଝର ଜିଲାରୁ ୨୦ ହଜାର ୫୦୦ କାହାଣ ବା ୩ କୋଟି ୨୮ ଲକ୍ଷରୁ ଅଧିକ ଟସର ଖୋସା ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଆହୁରି ଅଧିକ ଖୋସା ଉତ୍ପାଦନ କରିବାକୁ ରେଶମ ନିର୍ଦ୍ଦେଶାଳୟ ଲକ୍ଷ୍ୟ ରଖିଛି। ଟସର ଖୋସା ବିକ୍ରି କରିବା ପାଇଁ ସେରିଫେଡ୍ ପକ୍ଷରୁ ମୂଲ୍ୟ ସ୍ଥିରୀକୃତ ହୋଇଛି। ଖୋସାଗୁଡ଼ିକ ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡାସ୍ଥିତ ଟସର ସିଲ୍କ ପାର୍କ ସହିତ ରାଜ୍ୟ ଏବଂ ଦେଶର ବିଭିନ୍ନ ସ୍ଥାନକୁ ପଠାଯାଉଛି।



୨ ଯୁବତୀ ଟସରରୁ ସୂତା କାଟୁଛନ୍ତି।

### ସଶକ୍ତ ହେଉଛନ୍ତି ଚାଷୀ, ସୁଦୃଢ଼ ହେଉଛି ଜୀବିକା

ସେଠାରେ ଖୋସାରୁ ରେଶମ ସୂତା ବାହାର କରାଯାଇ ଆକର୍ଷଣୀୟ ପୋଷାକ ଓ ଶାଢ଼ି ପ୍ରସ୍ତୁତ କରାଯାଉଛି।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ଚାଷୀ ମାଳତୀ ଟୁଡୁ କହିଛନ୍ତି, ଆଗରୁ ମୁଁ ଟସର ଚାଷ କରୁଥିଲି। ହେଲେ ଭଲ ଲାଭ ମିଳୁ ନ ଥିଲା। ଏହି ଚାଷ ପାଇଁ ଏବେ ବିଭିନ୍ନ ସହାୟତା ମିଳୁଥିବାରୁ ଉନ୍ନତ ମାନର ଟସର ଖୋସା ଉତ୍ପାଦନ ହୋଇପାରୁଛି। ଗତବର୍ଷ ମୁଁ ଟସର ଚାଷରୁ ଦେଢ଼ ଲକ୍ଷ ଟଙ୍କା ପାଇଛି। ସେହିପରି ଜିଲା ରେଶମ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ସଙ୍ଗୀତା ମିଶ୍ର କହିଛନ୍ତି, ଖଣି ପ୍ରଭାବିତ କେନ୍ଦୁଝର ଜିଲାରେ ଚାଷୀଙ୍କ ଦୀର୍ଘସ୍ଥାୟୀ ଜୀବିକା ଲାଗି ଟସର ଚାଷ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟ ତଥା ରାଜ୍ୟ ବାହାରେ କେନ୍ଦୁଝରର ଟସରର ବିଶେଷ ପରିଚୟ ରହିଛି।

## ଭସାଣିରେ ଡିଜେ ବଜାକୁ ନେଇ ଉତ୍ତେଜନା

ହାଟଡିହୀ,୧୦।୯(ଶୁଭକାନ୍ତ ନାୟକ)

ସୋସୋ ଥାନା ଅଧୀନ କାନପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଗଣେଶ ମେଢ଼ ଭସାଣିରେ ଡିଜେ ବଜାକୁ ନେଇ ଉତ୍ତେଜନା ଦେଖାଦେଇଛି। ଦୁଇସାହି ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଉପୁଜିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଟେକା, ପଥର ଫିଙ୍ଗାଫିଙ୍ଗି ହୋଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଉତ୍ତେଜନା ସ୍ଥିତି ଲାଗି ରହିଥିଲା।

## ସନ୍ଦେହରେ ୨ ଅଟକ

ହାଟଡିହୀ,୧୦।୯(ଶୁଭକାନ୍ତ ନାୟକ)

ନନ୍ଦିପଦା ଥାନାରେ ସନ୍ଦେହରେ ଦୁଇଜଣ ଅଟକ ଅଛନ୍ତି। ସେମାନଙ୍କ ଘର ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ କୋଦଳା ଏବଂ କୋଟିଣ୍ଡା ଥାନା ନୂଆ ସାହାପୁର ଗ୍ରାମରେ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ବ୍ରାହ୍ମଣୀକଳା ନିକଟରେ ସ୍ଥାନୀୟ ଲୋକେ ସନ୍ଦେହରେ ସେମାନଙ୍କୁ ଅଟକ ରଖିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଏକ ବାଇକ୍ ଜବତ ହୋଇଛି। ସେମାନେ ଲୁଟ୍, ଚୋରିରେ ସମ୍ପୃକ୍ତ ଥିବା ଲୋକେ ସନ୍ଦେହ କରୁଛନ୍ତି।

## ଚେୟାର ଛାଡ଼ି ଉଠି ଆସିଲେ ଉପଜିଲାପାଳ



ବୃଦ୍ଧାଙ୍କ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ଉପଜିଲାପାଳ।

ଚମ୍ପୁଆ,୧୦।୯(ମହେଶ୍ୱର ଦାସ)

ଅଭିଯୋଗ କରିବାକୁ ଆସିଥିବା ଜଣେ ବୃଦ୍ଧାଙ୍କ ଅଭିଯୋଗ ଶୁଣିବାକୁ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ନିଜ ଚେୟାର ଛାଡ଼ି ଉଠି ଆସିବା ଚର୍ଚ୍ଚାର ବିଷୟ ହୋଇଛି। ଉପଜିଲାପାଳ ବୃଦ୍ଧାଙ୍କୁ ଧରି ନେଇ ପାଖରେ ବସାଇବା ସହିତ ତାଙ୍କ ଆଖିର ଲୁହ ପୋଛି ଦେଇଥିବା ଦେଖିବାକୁ ମିଳିଥିଲା। ଉପ ଜିଲାପାଳଙ୍କ ଏକାଦୃଶ କାର୍ଯ୍ୟକୁ ଉପସ୍ଥିତ କର୍ମଚାରୀ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ, ଜଣେ ୮୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ଅଲୋଡା ହୋଇଯାଇଥିବା ସମ୍ପର୍କରେ ମଙ୍ଗଳବାର ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ

### ଅଭିଯୋଗ କରିବାକୁ ଆସିଥିଲେ ବୃଦ୍ଧା

ଆସିଥିଲେ। ବୟସର ଅପରାହ୍ଣରେ ପହଞ୍ଚିଥିବା ଏହି ମହିଳା ଜଣଙ୍କ ଠିକ୍‌ଭାବରେ ଚାଲି ପାରୁ ନ ଥିବା ବେଳେ ଭୋ ଭୋ କାନ୍ଦି କାର୍ଯ୍ୟାଳୟ ଭିତରକୁ ପଶିବା ସମୟରେ ଉପ ଜିଲାପାଳ ପରିଡ଼ା ନିଜ ଚେୟାରରୁ ଉଠି ଆସି ତାଙ୍କୁ ଧରି ଚେୟାରରେ ବସାଇଥିଲେ। ଏହା ସହିତ ତାଙ୍କ ହାତରୁ ଅଭିଯୋଗ ପତ୍ର ନେଇଥିଲେ। ବୃଦ୍ଧା ଜଣକ ନିଜ ଦୁଃଖ କାହାଣୀ କହିବା ପରେ ଉପଜିଲାପାଳ ପରିଡ଼ା ତାଙ୍କ ଅଭିଯୋଗ ପତ୍ରକୁ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ପାଖକୁ ପଠାଇବା ସହିତ ନିଜ ପକେଟରୁ କିଛି ଅର୍ଥ ଉକ୍ତ ବୃଦ୍ଧାଙ୍କୁ ପ୍ରଦାନ କରିଥିଲେ।

## ଜେଲ ଗଲେ ଡାକ୍ତର

### କାର୍ ଧକ୍କାରେ ୪ ଗୁରୁତର ଘଟଣା

ବଡ଼ବିଲ, ୧୦।୯
(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ବଡ଼ବିଲ-ନାଲଦା ରାଜ୍ୟ ରାଜପଥରେ ରବିବାର ରାତିରେ ଡାକ୍ତରଙ୍କ କାର୍ ଧକ୍କାରେ ୨ଶିଶୁଙ୍କ ସମେତ ୪ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଡାକ୍ତର ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହିମାଂଶୁ ଝାଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେବାରୁ ତାଙ୍କୁ ବଡ଼ବିଲ ସବ୍ ଜେଲକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଡାକ୍ତର ଝାଙ୍କ କାର୍ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟିରେ ଥିବା ୨ ଶିଶୁଙ୍କ ସମେତ ଚାଳକ ଓ ଜଣେ ମହିଳା ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଫେରାର ହେଉଥିବା ବେଳେ କାର୍ ସମ୍ମୁଖରେ ଲାଖି ଯାଇଥିବା ସ୍କୁଟିକୁ ପ୍ରାୟ ୮୦୦ ମିଟର ଦୂରକୁ ଘୋଷାରି ନେଇଥିଲେ ଡାକ୍ତର। ରାସ୍ତାର ଡିଭାଇଡର୍‌ରେ ଫସି କାର୍‌ଟି ଅଟକି ଯିବାରୁ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଡାକ୍ତର ଅତ୍ୟଧିକ ମଦ୍ୟପାନ କରି କାର୍ ଚାଳନା କରୁଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ସୋମବାର ସ୍କୁଟି ଚାଳକ କେ ଅଲୀ ମହୋଲ୍ଲାର ଏମ୍‌ଡି ଫାରୁକଙ୍କ ଅଭିଯୋଗକ୍ରମେ ପୋଲିସ ବଡ଼ବିଲ ଥାନା ପୋଲିସ ଏକ ମାମଲା (ନଂ.୨୭୫/୨୪) ରୁଜୁ କରି ସନ୍ଧ୍ୟାରେ ଅଭିଯୁକ୍ତ ଡାକ୍ତରଙ୍କୁ ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା।

## ସୀତାବିଞ୍ଜିରେ ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ

ଢେଙ୍କିକୋଟ,୧୦।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସୀତାବିଞ୍ଜିଠାରେ ଥିବା ମା’ ସୀତା ଠାକୁରାଣୀଙ୍କୁ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ମଙ୍ଗଳବାର ଦର୍ଶନ କରିଛନ୍ତି। ସୀତା ଠାକୁରାଣୀଙ୍କ ଜମଜ ପୁତ୍ର ଲବ, କୁଶଙ୍କ ଏନ୍ତୁଡ଼ି ଶାଳ, ଭଣ୍ଡାର ଘର, ରାମାୟଣ ଯୁଗର ଶିଳାଲିପି, ରାବଣଛାୟା ଆଦି ସୀତାବିଞ୍ଜି ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଛନ୍ତି। ୧୦ ଫୁଟର ପ୍ରସ୍ଥାନ ଦ୍ୱାର ନିର୍ମାଣ ପାଇଁ ତୁରନ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମା’ଙ୍କ ପୀଠର ଉନ୍ନତି ନିମନ୍ତେ ସେ ଉପସ୍ଥିତ ଟ୍ରଷ୍ଟି ସଦସ୍ୟମାନଙ୍କୁ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପ୍ରତି ଯେମିତି ଧ୍ୟାନ ଦେଲେ ସେମିତି ସୀତା ମାତାଙ୍କ ପୀଠ ପ୍ରତି ଦୃଷ୍ଟି ଦେବା ପାଇଁ ସୀତା ଠାକୁରାଣୀ ଟ୍ରଷ୍ଟ ଏବଂ ସୀତାବିଞ୍ଜି, ଡାଙ୍ଗୁଆପଶି ଗ୍ରାମବାସୀ ରାଜ୍ୟସଭା ସଦସ୍ୟା ମମତାଙ୍କ ଜରିଆରେ ଦାବି ଜଣାଇଥିଲେ। ପୌରାଣିକ ତଥା ପର୍ଯ୍ୟଟନସ୍ଥଳୀ ଭାବେ କେନ୍ଦୁଝର ଜିଲାର



ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ ପୂଜାର୍ଚ୍ଚନା କରୁଛନ୍ତି।

ଅନେକ ସୁନାମ ରହିଛି। ଏଠାକୁ ବିଭିନ୍ନ ରାଜ୍ୟ ଏବଂ ଦେଶରୁ ପର୍ଯ୍ୟଟକମାନେ ଆସି ପୌରାଣିକ କଳା ସଂସ୍କୃତିକୁ ଦର୍ଶନ କରିବା ସହ ରିସର୍ଚ୍ଚ କରି ଯାଇଛନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ନାମକୁ ମାତ୍ର ଏହାର ରକ୍ଷଣାବେକ୍ଷଣ କରୁଥିବା ବେଳେ ଏହା ଧୀରେ ଧୀରେ ଲୋପ ପାଇବା ପାଇଁ ଯାଉଛି। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ମମତା କହିଛନ୍ତି। ମା’ ସୀତା ଠାକୁରାଣୀ ଟ୍ରଷ୍ଟି ବୋର୍ଡର ପୂଜକ ନାରଣ ଦେହୁରୀ, ମାଘୁ ଦେହୁରୀ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଳତୀ କରିଥିଲେ। ସମ୍ପାଦକ ମନୋଜ କୁମାର ନାୟକ, କର୍ଣ୍ଣ ମହାରଣା, ସୂର୍ଯ୍ୟମଣି ନାଏକ, ନିତ୍ୟାନନ୍ଦ ନାଏକ, ତୀର୍ଥବାସୀ ବାରିକ ପ୍ରମୁଖ ଉପସ୍ଥିତ ରହି ମମତାଙ୍କୁ ସ୍ୱାଗତ କରିଥିଲେ। ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସିଂହ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂହ, ଜିଲା ମିଡିଆ ସେଲ ପ୍ରମୁଖ ଜୟଦେବ ଗିରି, ସାମାଜିକ କର୍ମୀ ଜଗବନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ପରିତ୍ୟକ୍ତ ଶୌଚାଳୟର ସ୍ଲାବ୍ ପଡ଼ି ୨ ଛାତ୍ର ଗୁରୁତର ମାମଲା

## ୫୦ ହଜାର ଲେଖାଏ ଅନୁକମ୍ପା ରାଶି ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ପାଟଣା, (ବୀର କିଶୋର ଦାଶ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧୦।୯

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ସରକାରୀ ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପରିତ୍ୟକ୍ତ ଶୌଚାଳୟର ସ୍ଲାବ୍ ପଡ଼ି ୨ଛାତ୍ର ଗୁରୁତର ହୋଇଥିଲେ। ଏହି ମାମଲାରେ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ଦେବାକୁ ସୋମବାର ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବାଧିକାର କମିଶନ) ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସ୍କୁଲ ପରିସରରେ ଥିବା ପରିତ୍ୟକ୍ତ ସ୍ଲାବ୍‌କୁ ଭାଙ୍ଗିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ହୋଇଛି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୯ରେ ଉକ୍ତ ବିଦ୍ୟାଳୟର ତତ୍କାଳୀନ ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ମହାନ୍ତ ପଞ୍ଚମ ଶ୍ରେଣୀର ୨ ଜଣ ଛାତ୍ର ସନ୍ତୋଷ କାରୁଆ(୧୦) ଏବଂ ରାଜା ନାଏକ(୧୦)ଙ୍କୁ ପୁରୁଣା ଶୌଚାଳୟ କାନ୍ଥ ଭାଙ୍ଗିବାକୁ କହିଥିଲେ। କୋଦାଳ ଶାବଳ ଦ୍ୱାରା କାନ୍ଥ ଭାଙ୍ଗୁଥିବାବେଳେ ୨ଛାତ୍ରଙ୍କ ଉପରେ ସ୍ଲାବ୍ ଭାଙ୍ଗି ପଡ଼ିଥିଲା। ପରେ ବିବାଦୀୟ ହୋଇପଡ଼ିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟରୁ ବଦଳି କରାଯିବା ସହ ମାସକର ଦରମା ବିଭାଗ ପକ୍ଷରୁ ବନ୍ଦ କରାଯାଇଥିଲା। ଏହି ଘଟଣା ପରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଜାତୀୟ ମାନବାଧିକାର କମିଶନ ମାମଲା ସଂଖ୍ୟା ୪୧୫/୧୮-୦୭-୨୪କୁ ଶୁଣାଣି କରି ୬ ସପ୍ତାହ ମଧ୍ୟରେ ୨ ଛାତ୍ରଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨ ଛାତ୍ର ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଟାଇଁଶିରା ଗ୍ରାମର ରବୀନ୍ଦ୍ର କାରୁଆଙ୍କ ପୁଅ ସନ୍ତୋଷ ଓ ଶ୍ରୀକାନ୍ତ ନାଏକଙ୍କ ପୁଅ ରାଜା ଏବେ ପାଟଣା ମୁଖ୍ୟାଳୟ ଜିଏନ୍ ହାଇସ୍କୁଲରେ ଅଧ୍ୟୟନ କରୁଛନ୍ତି।

## ଦୁର୍ଘଟଣା ଘଟାଇ ଖଣି ଅଧିକାରୀ ଫେରାର ବେଳେ ଧରପଡ଼ିଲେ

### ଜଣେ ମୃତ

**ଯୋଡା/ଚମ୍ପୁଆ, ୧୦।୯(ମାନସ ମହାନ୍ତି/ମହେଶ୍ୱର ଦାସ):** କେନ୍ଦୁଝର ଜିଲା ରିମୂଳୀ ଫାଣ୍ଡି ଅଧୀନ ରଘୁଆଳ ସାହି ଫ୍ଲାଏଓଭର ଉପରେ କାର୍ (ନଂ. ଓଡି୦୫ଏଜେଡ୯୩୩୬) ଦ୍ରୁତଗତିରେ ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ବଳରାମ ବାରିକଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ କାର୍‌ଟି ସେଠାରୁ ଫେରାର ହୋଇଯାଉଥିବା ବେଳେ କରଣସାହି ଟୋଲଗେଟରେ ଫୋନ ମଧ୍ୟରେ ସ୍ଥାନୀୟ ଏହି ଘଟଣା ଜଣାଇ ଦେବା ପରେ ସ୍ଥାନୀୟ ଯୁବକମାନେ କାର୍‌କୁ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ଏହି କାର୍ ଚଳାଉଥିବା ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। କୋଇଡା ଖଣି ଉପ ନିର୍ଦ୍ଦେଶାଳୟର ଖଣି ଅଧିକାରୀ ଭାବେ ରଜତ କୁମାର ବେହେରା ବୋଲି ଜଣାପଡିଥିଲା। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବଳରାମ ବାରିକ (୭୦)ଙ୍କ ଗଭୀର କ୍ଷତ ଯୋଗୁ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ଘଟଣା ବେଳେ ବଳରାମଙ୍କୁ ପ୍ରାୟ ୩୦ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲେ। ସେ ମୁମୂର୍ଷ ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ସେ ବଞ୍ଚିଥିଲେ ଓ ଡାକ୍ତରଖାନା ନେବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ବଡ଼ବିଲ ଆଇଆଇସି ରମାକାନ୍ତ ମୁଦୁଲି, ଚମ୍ପୁଆ ଆଇଆଇସି ଅବିନାଶ ପରିଡ଼ା ସଦଳ ବଳେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ୩ ବାଲି ବୋଝେଇ ଟ୍ରାକ୍ଟର ଜବତ, ୩ ଗିରଫ

ହାଟଡିହୀ(ଶୁଭକାନ୍ତ ନାୟକ/ ଛେନାପଦି(ନିରାକାର ପରିଡ଼ା), ୧୦।୯

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଣା-ସମଣା ରାସ୍ତାର ଅଣା ନିକଟରେ ମଙ୍ଗଳବାର ପୋଲିସ ୩ଟି ବାଲିବୋଝେଇ ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟରଗୁଡ଼ିକ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଖବର ପାଇ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଲୋହିତ ରଞ୍ଜନ ନାଏକ ଏବଂ ଅନ୍ୟ ପୋଲିସ କର୍ମଚାରୀ ଚେକିଂ କରିଥିଲେ। ଟ୍ରାକ୍ଟର ଚାଳକମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶିବନାରାୟଣପୁର ଗ୍ରାମର ରବିନାରାୟଣ ସାହୁ, ଦଧିବାମନପୁର ଗ୍ରାମର ବାବୁଲ ଜେନା ଏବଂ ମୋହନ ଜେନା। ଏନେଇ ଥାନାରେ ମାମଲା (ନଂ. ୨୪୮/୨୪) ରୁଜୁ କରାଯାଇଛି।























